## ଆଜି କ'ଣ କେଉଁଠି

**ଅନୁଗୋଳ**

■ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ
ସ୍ଥାନ- ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ- ପୂର୍ବାହ୍ନ ୮ ଘଟିକା।

**ଢେଙ୍କାନାଳ**

■ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ
ସ୍ଥାନ: ଲେଖକ ସଂସଦ ଭବନ
ସମୟ: ପୂର୍ବାହ୍ନ ୧୧ଟା।

■ଜିଲାସ୍ତରୀୟ ମ୍ୟାଲେରିଆ ନିରାକରଣ ଟାସ୍କଫୋର୍ସ ବୈଠକ
ସ୍ଥାନ: ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହ
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୨୫ା୬-** ଫେରାର ଥିବା ବଳାତ୍କାର ଅଭିଯୁକ୍ତ ନିଶା ଥାନା ଅଞ୍ଚଳର ହାଡ଼ି ନାଏକ(୨୨)ଙ୍କୁ ଅନୁଗୋଳ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ହାଡ଼ି ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ. ୩୮୨/୧୯ରେ ମାମଲା ରୁଜୁ କରିଥିଲା। ତେବେ ଘଟଣା ଦିନ ଠାରୁ ହାଡ଼ି ଫେରାର ହୋଇଯାଇଥିଲେ।

### ପାଇଥିବା ଏଟିଏମ୍ କାର୍ଡ ଫେରାଇଲେ ସହୃଦୟ ବ୍ୟକ୍ତି

**ଅନୁଗୋଳ ଅଫିସ, ୨୫ା୬-** ଅନୁଗୋଳ ଆଙ୍କୁଲାରେ ଥିବା ନୂଆସାହିର ହାତୀ ପ୍ରଧାନଙ୍କ ତିନୋଟି ଏଟିଏମ୍ କାର୍ଡ କୌଣସି ସ୍ଥାନରେ ହଜିଯାଇଥିଲା। ଏହାକୁ ଜଣେ ସହୃଦୟ ବ୍ୟକ୍ତି ପାଇବା ପରେ ଅନୁଗୋଳ ଥାନା ଏସ୍‌ଆଇ ପ୍ରକାଶ ମାଝି ଓ କନଷ୍ଟେବଲ ଅଶ୍ୱିନୀ ସାହୁଙ୍କୁ ପ୍ରଦାନ କରିଥିଲେ। ଏହାପରେ ଅନୁଗୋଳ ପୋଲିସ ହାତୀ ପ୍ରଧାନଙ୍କୁ ଥାନାକୁ ଡାକି ତାଙ୍କ ଏଟିଏମ୍ କାର୍ଡ ଫେରସ୍ତ କରିଛି। ଏହାକୁ ପାଇଥିବା ସମ୍ପୃକ୍ତ ସହୃଦୟ ବ୍ୟକ୍ତିଙ୍କୁ ହାତୀ ସାଧୁବାଦ ଜଣାଇଛନ୍ତି।

### ଦଳିତ ସମାଜର ବାର୍ଷିକ ବୈଠକ

**ବଇଣ୍ଡା, ୨୫ା୬(ଡି.ଏନ.ଏ.)-** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବଇଣ୍ଡା କଲ୍ୟାଣମଣ୍ଡପଠାରେ ମଙ୍ଗଳବାର ଦଳିତ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଦଳିତ ସମାଜ ସଭାପତି କ୍ଷୀରୋଦ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଷୋଳପଦାର ଉପଦେଷ୍ଟା ବିପିନ ମୁଖୀ, କୃପାସିନ୍ଧୁ ମୁଖୀ, କୁଶ ମୁଖୀ, ଶରତ ବେହେରା, ଜିତେନ୍ଦ୍ର ମୁଖୀ, ଟୁନା ପ୍ରଧାନ, ପ୍ରସନ୍ନ ମୁଖୀ, ସୁରେଶ ନାୟକ, ନିରଞ୍ଜନ ବାରିକଙ୍କ ସମେତ ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ଏଥିରେ ସମାଜର ଆୟ ବ୍ୟୟ ହିସାବ କରାଯାଇଥିଲା। ସମାଜର ନୀତି ନିୟମ ମାନି କିଭଳି ଚଳିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନାରୀ ସମାଜକୁ ସର୍ବଦା ସମ୍ମାନ ଦେବା ସହ ଯେଉଁମାନେ ନାରୀଙ୍କୁ ନିର୍ଯାତନା ଦେଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

■ଏନ୍‌ଜେନ ମନମୁଖୀ କାର୍ଯ୍ୟକୁ ନେଇ ତେଜୁଛି ଅସନ୍ତୋଷ

# ଉପଭୋକ୍ତାଙ୍କ ଉପରେ ବଢ଼ୁଛି ବିଦ୍ୟୁତ୍ ବୋଝ

**ତାଳଚେର, ୨୫ା୬(ମନୋଜ ନନ୍ଦ)**

କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ମୃତ୍ୟୁ ଓ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକୁ ନେଇ ତାଳଚେର ବିଦ୍ୟୁତ୍ ସେବାରେ ସୃଷ୍ଟି ହୋଇଛି ବଡ଼ ସଙ୍କଟ। ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଓ ବିଲ୍ ଆଦାୟ ଦାୟିତ୍ୱରେ ଥିବା ଏନ୍‌ଜେନ କମ୍ପାନୀର ଚାଇଁପାଳ ଡିଭିଜନରେ କାର୍ଯ୍ୟରତ ୧୪ଟି ସେକ୍ସନର ୩୯୩ କର୍ମଚାରୀ ୨ ମାସ ହେଲା ଆନ୍ଦୋଳନ ଚଳାଇଥିବାରୁ ସେବା ଯୋଗାଣଠାରୁ ଆରମ୍ଭ କରି ବିଲ୍ ଆଦାୟ ଯାଏ ସବୁକିଛି ଅବ୍ୟବସ୍ଥିତ ହୋଇପଡ଼ିଛି। ବିଶେଷକରି କାଳ ବୈଶାଖୀ ଯୋଗୁ ବହୁ ସ୍ଥାନରେ ବିଦ୍ୟୁତ୍ ଚାର୍ଜ ବିଚ୍ଛିନ୍ନ ରହିଥିଲେ ବି ପୁନଃ ସଂଯୋଗ କରାଯାଉ ନାହିଁ। ଫଳରେ ଶହ ଶହ ଉପଭୋକ୍ତାଙ୍କ ପରିବାର ଓ ବ୍ୟବସାୟୀ ବିନା ବିଜୁଳିରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ୩ ମାସ ହେଲା ମିଟର ରିଡିଂ କରାଯାଉ ନାହିଁ କି ଉପଭୋକ୍ତାଙ୍କୁ ବିଲ୍ ଦିଆଯାଉ ନାହିଁ। ଅଭିଯୋଗ କରିବାକୁ ଏନ୍‌ଜେନ ଅଫିସକୁ ଗଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। କାରଣ କର୍ମଚାରୀମାନେ ସେଠାରେ ତାଲା ଝୁଲାଇ ଦେଇଥିବାରୁ ଅଭିଯୋଗକାରୀଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଅସୁବିଧା ସମ୍ପର୍କରେ କର୍ମଚାରୀମାନେ ଶୁଣୁ ନ ଥିବା ବେଳେ ସେସୁ କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରି ଏନ୍‌ଜେନ ଉପରକୁ ଦାୟିତ୍ୱ ଠେଲି ଦେଉଛନ୍ତି। ଏପରି ସ୍ଥଳେ ପ୍ରଶାସନ ଉପଭୋକ୍ତାଙ୍କ ଶେଷ ଭରସା ହୋଇଥିଲେ ବି ଅଧିକାରୀମାନେ ଏନ୍‌ଜେନ କର୍ତ୍ତୃପକ୍ଷଙ୍କ ପରି ନୀରବଦ୍ରଷ୍ଟା ହୋଇ ବସିଯାଇଛନ୍ତି। ଜନପ୍ରତିନିଧିମାନେ ମଧ୍ୟ ଜନତାଙ୍କ ଦୁଃଖ ଦୂର ପାଇଁ କୌଣସି ଉଦ୍ୟମ କରୁ ନ ଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ବିଦ୍ୟୁତ୍ ସେବାରେ ଏପରି ଅବ୍ୟବସ୍ଥାକୁ ନେଇ ଗୋଟିଏ ପଟେ ସରକାରଙ୍କ ରାଜସ୍ୱ କ୍ଷତି ବଢ଼ି ଚାଲିଥିବା ବେଳେ ଅନ୍ୟପଟେ ଅନାଦାୟ ଦେୟ ଉପଭୋକ୍ତାଙ୍କ ଉପରେ ଏବେ ବୋଝ ହୋଇଚାଲିଛି। କେଉଁ କାରଣ ପାଇଁ ଏନଜେନ, ପ୍ରଶାସନ ଓ ଜନପ୍ରତିନିଧିମାନେ ସମସ୍ୟାର ସମାଧାନ କରୁନାହାନ୍ତି ଓ ଏହା ପଛରେ କି ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■୨ ମାସ ହେଲା ଠିକ୍‌ରେ ମିଳୁନି ଜରୁରୀ ସେବା

■ମିଟର ରିଡିଂ ହେଉନି କି ବିଲ୍ ଆଦାୟ ହେଉନି

■ପ୍ରଶାସନ, ଜନପ୍ରତିନିଧିଙ୍କ ନୀରବତା ନେଇ ପ୍ରଶ୍ନବାଚୀ





"ସମସ୍ୟା ଆଉ ତଳ ଲେଭୁଲରେ ନାହିଁ ଏହା ଏବେ ଶକ୍ତି ସଚିବ ଓ ସ୍ଥାନୀୟ ବିଧାୟକଙ୍କ ପାଖରେ ଅଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ଆଶା କରୁଛି।
-ପରେଶ ଚନ୍ଦ୍ର ନାୟକ, ଉପଜିଲାପାଳ, ତାଳଚେର



ଏନଜେନ ପକ୍ଷରୁ ଉପଭୋକ୍ତାମାନଙ୍କୁ ବିଲ୍ ଦିଆଯାଉନି କି କର୍ମଚାରୀମାନେ ମଧ୍ୟ ବିଦ୍ୟୁତ୍ ଦେୟ ନେଉ ନାହାନ୍ତି। ଅଫିସରେ ତାଲା ଯୋଗୁ ସେଠାରେ ବିଲ୍ ପୈଠ ସମ୍ଭବ ହେଉନାହିଁ। ଦାୟିତ୍ୱରେ ଥିବା କମ୍ପାନୀର କର୍ମଚାରୀମାନେ ଆନ୍ଦୋଳନ ଚଳାଇଥିବାରୁ ଏଥିରେ ଉପଭୋକ୍ତାମାନେ କାହିଁକି କ୍ଷତିଗ୍ରସ୍ତ ହେବେ। ତେଣୁ ଦେୟ ସମ୍ପୂର୍ଣ୍ଣ ଛାଡ କରାଯାଉ କିମ୍ବା କିସ୍ତିରେ ଦେବାକୁ ସୁଯୋଗ ଦିଆଯାଉ।
-ମହେନ୍ଦ୍ର ପାଢ଼ୀ, ତାଳଚେର



କାଳବୈଶାଖୀରେ ଦୋକାନ ସର୍ଭିସ ତାର ଛିଣ୍ଡି ଯାଇଥିବାରୁ ୨୦ ଦିନ ହେଲା ଲାଇନ ନାହିଁ। ପଡୋଶୀ ଦୋକାନରୁ ସଂଯୋଗ ନେଇ ବଲ୍‌ବଟିଏ ଜାଳୁଛି। ସେସୁ କର୍ମଚାରୀଙ୍କୁ ସଂଯୋଗ ପାଇଁ କହିଲେ ସେମାନେ ଏନଜେନ କରିବ ବୋଲି କହୁଛନ୍ତି। ଏଣେ ଏନଜେନ ଅଫିସରେ ତାଲା ପଡିଛି। ମାସ ମାସ ଧରି ବିଦ୍ୟୁତ୍ ବିଲ୍ ଦିଆଯାଇ ନ ଥିବାରୁ ଏକାବେଳେ ତାହା ଦେବା ବୋଝ ହୋଇଯିବ।
-କୃଷ୍ଣଚନ୍ଦ୍ର ସାହୁ, ବ୍ୟବସାୟୀ, ହାଟତୋଟା

## କ'ଣ କୁହନ୍ତି ଉପଭୋକ୍ତା



"ଏନ୍‌ଜେନ୍‌ର ମନମୁଖୀ କାର୍ଯ୍ୟ ଯୋଗୁ ୨ ମାସ ହେଲା ଉପଭୋକ୍ତାମାନେ ଅସୁବିଧା ଭୋଗୁଛନ୍ତି। ବିଦ୍ୟୁତ୍ ବ୍ୟବହାରକାରୀ ବିଲ୍ ଦେବାକୁ ପ୍ରସ୍ତୁତ ଥିଲେ ବି ଦେୟ ଗ୍ରହଣ କରାଯାଉ ନାହିଁ। ଫଳରେ ଲୋକଙ୍କ ଉପରେ ବକେୟା ବଢି ବଢ଼ି ଚାଲିଛି। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ଠାରୁ ବିଲ୍ ଅର୍ଥ ଆଦାୟ କରାଯାଉ। ଲୋକଙ୍କ ଉପରେ ଜୁଲମ ହେଲେ ଆନ୍ଦୋଳନ ହେବ।
-ରାଜକିଶୋର ସାହୁ, ଘଣ୍ଟପଡ଼ା



"୨ ମାସ ହେଲା ଆନ୍ଦୋଳନ ଚାଲିଥିଲେ ବି କମ୍ପାନୀ ଏହାର ସମାଧାନ କରିବାକୁ ଆଗ୍ରହ ପ୍ରକାଶ କରୁନାହିଁ। ପ୍ରଶାସନ ମଧ୍ୟ ନୀରବଦ୍ରଷ୍ଟା। ଏହା ପଛରେ କି ଷଡ଼ଯନ୍ତ୍ର ରହିଛି ତାହା ବୁଝାପଡୁନାହିଁ। ଯଦି କମ୍ପାନୀ ଓ ପ୍ରଶାସନ ଏହି ଜରୁରୀ ସେବା ସମ୍ପର୍କରେ କିଛି ନିଷ୍ପତ୍ତି ନେଇପାରୁ ନାହାନ୍ତି ତା'ହେଲେ ବିଲ୍ କେବେ ଦେବେ କି ନ ଦେବେ ତାହା ଉପଭୋକ୍ତାଙ୍କ ଉପରେ ଛାଡି ଦିଆଯିବା ଦରକାର।
-ନେତ୍ରାନନ୍ଦ ଖୁଣ୍ଟିଆ, ତାଳଚେର



"କ'ଣ ପାଇଁ ଦୀର୍ଘଦିନ ଧରି ଚାଲିଥିବା କର୍ମଚାରୀଙ୍କ ଆନ୍ଦୋଳନର ଶେଷ ହେଉନାହିଁ ତାହା ଉପଭୋକ୍ତାମାନେ ଜାଣିପାରୁ ନାହାନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଏଯାଏ ମିଟର ରିଡିଂ ନେବା ଓ ବିଲ୍ ଦେବା କାର୍ଯ୍ୟ କରୁ ନ ଥିବାରୁ ଗୋଟିଏ ଥରରେ ବିଲ୍ ଦିଆଗଲେ ସମସ୍ତ ଦେୟ ପୈଠ କରିବା ସମ୍ଭବ ହେବନାହିଁ। ଉପଭୋକ୍ତାମାନେ ଯେପରି ଅସୁବିଧାରେ ନ ପଡ଼ିବେ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦରକାର।
-ରମେଶ ଚନ୍ଦ୍ର ସାହୁ, କଣିହାଁ

"୨ ମାସ ହେଲା ତାଳଚେରରେ ବିଦ୍ୟୁତ୍ ସେବାରେ ବିଭ୍ରାଟ ଦେଖାଦେଇଛି। ଏନ୍‌ଜେନ କର୍ମଚାରୀ ବିଲ୍ ଦେଉନାହାନ୍ତି କି ଦେୟ ଗ୍ରହଣ କରୁନାହାନ୍ତି। ଏଥିଯୋଗୁ ଉପଭୋକ୍ତାମାନେ ବଡ଼ ଚିନ୍ତାରେ ରହିଛନ୍ତି। ତେଣୁ କମ୍ପାନୀ ଓ ପ୍ରଶାସନ ଏ ନେଇ କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ଲୋକେ ତାତିଲେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବ।
-ମନୋଜ ଦେହୁରୀ, ସଭାପତି, ଉପଭୋକ୍ତା ସଂଘ





"୨ ମାସ ହେଲା ବିଦ୍ୟୁତ୍ ସେବା ଠିକ୍ ଭାବେ ମିଳୁନି। କାଳବୈଶାଖୀ ଯୋଗୁ ବହୁ ଅଞ୍ଚଳରେ ଏବେ ବି ଲୋକେ ବିଦ୍ୟୁତ୍‌ରୁ ବଞ୍ଚିତ ରହିଛନ୍ତି। କମ୍ପାନୀ ଉପଭୋକ୍ତାଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ବଦଳରେ ଆନ୍ଦୋଳନକୁ ଆଳ କରି ଚୁପ୍‌ଚାପ ବସିଯାଇଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ବଢ଼ି ବଢ଼ି ଚାଲିଛି।
-ରଞ୍ଜିତ ମହାପାତ୍ର, ତାଳଚେର



"ବିଦ୍ୟୁତ୍ ବିଲ୍ ଆଦାୟ ହେଉ ନ ଥିବାରୁ ଏହା ଉପଭୋକ୍ତାଙ୍କ ଉପରେ ଧୀରେ ଧୀରେ ବୋଝ ହୋଇଚାଲିଛି। କମ୍ପାନୀ ମନମୁଖୀ ଭାବେ ଉପଭୋକ୍ତାଙ୍କ ସହ ଏପରି ଖେଳ ଖେଳି ଚାଲିଛି। ପ୍ରଶାସନ ସବୁ ଦେଖୁଥିଲେ ବି ସମସ୍ୟାର ସମାଧାନ କିପରି ହୋଇପାରିବ ସେ ଦିଗରେ ଉଦ୍ୟମ କରୁନି। ଜନପ୍ରତିନିଧିମାନେ ମଧ୍ୟ ଜନତାଙ୍କ ଅସୁବିଧାକୁ ଉପଲବ୍ଧି କରି ନ ପାରିବା ଆଶ୍ଚର୍ଯ୍ୟଜନକ।
-ଦୀପ୍ତିରଞ୍ଜନ ବିଶ୍ୱାଳ, ବହଳ



"ଦାବି ପୂରଣ ପାଇଁ ଆନ୍ଦୋଳନ କରୁଥିବା କର୍ମଚାରୀମାନେ ଜନସାଧାରଣଙ୍କୁ ଜରୁରୀ ସେବା ଯୋଗାଣ ବନ୍ଦ କରିବା ଉଚିତ ନୁହେଁ। କମ୍ପାନୀ ମଧ୍ୟ ସମସ୍ୟା ସମାଧାନ ନ କରି ଅସୁବିଧା ଭୋଗିବାକୁ ଉପଭୋକ୍ତାଙ୍କୁ ଛାଡ଼ିଦେବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଯେଉଁମାନଙ୍କ ମାସିକ ବିଲ୍ ଦେୟ ୧ ହଜାରରୁ ଅଧିକ ସେମାନେ ଏକକାଳୀନ ୩/୪ ମାସର ବିଲ୍ ଦେବା କଷ୍ଟକର ହୋଇପଡ଼ିବ।
-ସନ୍ତୋଷ କୁମାର ନାହାକ

## ବିଶ୍ରାମାଗାର ନିର୍ମାଣ ଦାବି

**ବଇଣ୍ଡା, ୨୫ା୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଶ୍ରାମାଗାର ୧ ବର୍ଷ ହେବ ଭାଙ୍ଗି ଦିଆଯାଇଛି। ଫଳରେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲେଜ ପାଣ୍ଠିରୁ ଉକ୍ତ ବିଶ୍ରାମାଗାର ନିର୍ମାଣ ହୋଇଥିଲା। ତେବେ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ତରବରିଆ ଭାବେ ଠିକାସଂସ୍ଥା ପକ୍ଷରୁ ମେ ୨୦୧୮ରେ ତାହାକୁ ଭାଙ୍ଗି ଦିଆଯାଇଥିଲା। ସେହିପରି ଠିକାସଂସ୍ଥା ପକ୍ଷରୁ ରାସ୍ତା ନିର୍ମାଣ କରାଯାଇ ନାହିଁ। ରାସ୍ତା ୨ ପାର୍ଶ୍ୱରେ ୩ ଫୁଟ ଗଭୀର ଗର୍ତ୍ତ ଖୋଳାଯାଇଥିଲେ ମଧ୍ୟ ନିର୍ମାଣ ବିଳମ୍ବରେ କରାଯାଉଛି। ଫଳରେ ରାସ୍ତା ଉପରେ ବହୁ ଛାତ୍ରୀଛାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ଛିଡ଼ା ହେଉଛନ୍ତି। ଖରା, ବର୍ଷାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏକ ଅସ୍ଥାୟୀ ବିଶ୍ରାମାଗାର ନିର୍ମାଣ କରାଯାଉ ନାହିଁ। ଉକ୍ତ ବିଶ୍ରାମାଗାର ଭଙ୍ଗାଯିବା ବେଳେ ସମସ୍ତ କ୍ଷତିପୂରଣ ଅର୍ଥ ପ୍ରଶାସନ ନିକଟକୁ ଯାଇଥିଲେ ମଧ୍ୟ ନୂତନ ବିଶ୍ରାମାଗାର ନିର୍ମାଣ କରାଯାଉ ନାହିଁ। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

## ଚୋରା ତେଲ ସହ ଗାଡ଼ି ଜବତ

**ତାଳଚେର, ୨୫ା୬(ନି.ପ୍ର.)**

ତାଳଚେର ପୋଲିସ ସ୍ଥାନୀୟ ବାଙ୍କଧରା ଛକ ଠାରୁ ଏକ କାର (ନଂ. ଓଆର୦୨ଏଟି- ୬୭୪୨) ସହ ୨୫୦ ଲିଟର ଚୋରା ଡିଜେଲ ଜବତ କରିଛି। ଏଥିସହ ରିଙ୍କୁ ଦେବତା ଓ ଓ ରାମ ମହାରଥୀଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୫୬/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଲିଙ୍ଗରାଜ ଖଣିରୁ ଡିଜେଲ ନେଇ ଆସୁଥିବା ବେଳେ ଉକ୍ତ କାର ବାଙ୍କଧରା ଛକ ଠାରେ ଗାଡି ଯାଞ୍ଚ ବେଳେ ଧରିପଡିଥିଲା। ଲିଙ୍ଗରାଜ ଖଣିରୁ ଏକ ର୍‌ୟାକେଟ ମାଧ୍ୟମରେ ପ୍ରତ୍ୟହ ହଜାର ହଜାର ଲିଟର ଡିଜେଲ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି।

## ହିଙ୍ଗୁଳା ମନ୍ଦିର ପାଇଁ ଅର୍ଥ ପ୍ରଦାନ

**ତାଳଚେର, ୨୫ା୬(ନି.ପ୍ର.)**



ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ କଣିହାଁ ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିର ପାଣ୍ଠିକୁ ମଙ୍ଗଳବାର ଅର୍ଥ ପ୍ରଦାନ କରାଯାଇଛି। ଏମ୍‌ସିଏଲ୍‌ରେ ନୂତନ ଭାବେ ଯୋଗ ଦାନ କରିଥିବା ୧୪ ଜଣ ଖଣି କର୍ମଚାରୀଙ୍କ ପକ୍ଷରୁ ପନ୍ଦର ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅର୍ଥ ପ୍ରଦାନ ବେଳେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ଗଗନ ବିହାରୀ ସାହୁ, ପଞ୍ଚାନନ ବେହେରା, ଧୂଳେଶ୍ୱର ଦ୍ୱିବେଦୀ ଓ ନେହେରୁ ବାବା ପ୍ରମୁଖ ଉପସ୍ଥିତ ଥିଲେ। ଖଣି କର୍ମଚାରୀମାନଙ୍କ ଏଭଳି ମହତ୍ ଉଦ୍ୟମକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି। ମା' ହିଙ୍ଗୁଳାଙ୍କ ଏହି ମନ୍ଦିର ନିର୍ମାଣ ପାଇଁ ଶ୍ରଦ୍ଧାଳୁମାନେ ମୁକ୍ତ ହସ୍ତରେ ଦାନ କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ସାମାଜିକ କର୍ମୀ ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ଅନୁଗୋଳ ଅଫିସ, ୨୫ା୬**

ସାମାଜିକ କର୍ମୀ ସଙ୍ଗଠନ ସ୍ପନ୍ଦନ ପକ୍ଷରୁ ଏବଂ ଅନୁଗୋଳ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆନ୍ତର୍ଜାତିକ ନିଶାମୁକ୍ତି ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସରସ୍ୱତୀ ବିଦ୍ୟାମନ୍ଦିର, ନାଲ୍‌କୋନଗରର କଳା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାରଣା, ଉପାଧ୍ୟକ୍ଷ ସିଦ୍ଧନାଥ ସାହୁ ଓ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତିଙ୍କ ତତ୍ତ୍ୱାବଧାନରେ ୨୦ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ଦିଲ୍ଲୀ ପବ୍ଲିକ ସ୍କୁଲର ଉପାଧ୍ୟକ୍ଷା ସୁଚିତ୍ରା ମିଶ୍ର ଓ କଳା ଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୭ ଛାତ୍ରୀଛାତ୍ର ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ୧ ଅନୁଗୋଳର କଳା ଶିକ୍ଷୟିତ୍ରୀ ରଶ୍ମି ପଣ୍ଡାଙ୍କ ତତ୍ତ୍ୱାବଧାନରେ ୨୦ ଛାତ୍ରୀଛାତ୍ର ସେମାନଙ୍କ ଭାବନାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରିବା ସହିତ ନିଶା ସେବନରୁ ନିଜକୁ ମୁକ୍ତ ରଖିବା ପାଇଁ ଶପଥ ନେଇଥିଲେ। ସାମାଜିକ ସୁରକ୍ଷା ବିଭାଗର ମନୋରମା ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ସ୍ପନ୍ଦନର ସମ୍ପାଦକ ଦୀପକ କୁମାର ସାହୁ ଏବଂ ବିଭୁ ଶତପଥୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

■ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ଦେଢ଼ବର୍ଷରେ ଦୁର୍ଘଟଣା ନେଇଛି ୨୫୧ ଜୀବନ

**ଅନୁଗୋଳ ଅଫିସ, ୨୫ା୬**

ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଦୁର୍ଘଟଣାରେ ୨୫୧ ଜୀବନ ଯାଇଥିବାରୁ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମାଇବା ସହ ଦୁର୍ଘଟଣାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜିଲା ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ଏଥିରେ ଯୋଗ ଦେଇଥିଲେ।

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହୁଲୁରିସିଂହା ଛକ ଠାରୁ ରନ୍ତଲେଇ ମଧ୍ୟରେ ସୃଷ୍ଟି ହୋଇଥିବା ଖାଲଖମା ମରାମତି କରିବାକୁ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷ ପୂର୍ବ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପାଳନ ହୋଇ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଜୁଲାଇ ୨ ସୁଦ୍ଧା ଉକ୍ତ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ଏନ୍‌ଏଚଏଆଇକୁ ନିର୍ଦ୍ଦେଶ ଦେଇଥିଲେ। କାରଗିଲ ପେଟ୍ରୋଲ ପମ୍ପ ସମ୍ମୁଖ ଓ ସିପିପି ଛକ ଠାରେ ନିର୍ମିତ ନାଳ ପୋତି ହୋଇଯାଇଥିବାରୁ ତାହାର ପୁନରୁଦ୍ଧାର କରିବାକୁ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରନ୍ତଲେଇ ଠାରୁ ଭୂଷଣ ଓ ବଅଁରପାଳ ଠାରୁ ତାଳଚେର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ କିମ୍ବା କ୍ରସର ଗୁଣ୍ଡ ପକାଇ ସମତଳ କରିବା ସହିତ ଆବଶ୍ୟକ ସ୍ଥଳେ ରାସ୍ତା ମରାମତି ପାଇଁ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି ୨୦୧୮ ବର୍ଷରେ ମୋଟ୍ ୪୬୦ଟି ଦୁର୍ଘଟଣାରେ ୨୧୫ ଜଣଙ୍କ ଜୀବନ ଯାଇଛି ଓ ୪୪୨ ଜଣ ଆହତ ହୋଇଥିବା ସୂଚନା ପ୍ରଦାନ କରିଥିଲେ। ସେହିପରି ଚଳିତ ବର୍ଷ ଜାନୁୟାରୀ ୧ରୁ ଫେବୃୟାରୀ ୨୮ ମଧ୍ୟରେ ୭୩ଟି ଦୁର୍ଘଟଣାରେ ୩୬ ଜଣଙ୍କ ପ୍ରାଣହାନୀ ଘଟିଥିବା ବେଳେ ୭୩ ଜଣ ଆହତ ହୋଇଛନ୍ତି। ମାର୍ଚ୍ଚ ଠାରୁ ମେ ପର୍ଯ୍ୟନ୍ତ ଦୁର୍ଘଟଣା ସମ୍ପର୍କିତ ତଥ୍ୟ ଆରକ୍ଷୀ ବିଭାଗ ପ୍ରଦାନ କରି ନ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ସେହିପରି ୫୫ ନମ୍ବର ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଖାଲଖମା ପୂରଣ କରିବାକୁ ବୈଠକରେ ଉପସ୍ଥିତ ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ହମ୍ପସ୍ ଗୁଡ଼ିକରେ ଧଳା ରଙ୍ଗ ୧୦ ଦିନ ମଧ୍ୟରେ ଲଗାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସୌମେନ୍ଦ୍ର ପଟ୍ଟନାୟକଙ୍କ ସମେତ ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଗାୟତ୍ରୀ କନଷ୍ଟ୍ରକଶନ୍‌ର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

■ମରାମତି କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଅସନ୍ତୋଷ

■ରାସ୍ତା ପାର୍ଶ୍ୱ ସମତଳ ପାଇଁ ଏନଏଚଏଆଇଙ୍କୁ ନିର୍ଦ୍ଦେଶ

■୧୦ ଦିନ ମଧ୍ୟରେ ହମ୍ପସ୍‌ରେ ଧଳା ରଙ୍ଗ ଲଗାଅ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ଜୁନ ୨୬ /୨୦୧୯ Dhenkanal, Wednesday, June 26 / 2019

## ସଂକ୍ଷେପରେ

### ବିରଳ ଧଳା ପାଣିଧଣ୍ଡ ଉଦ୍ଧାର



ଅନୁଗୋଳ ଅଫିସ, ୨୫।୬- ଅନୁଗୋଳ ସହର ମିଶ୍ରପଡା ଅଞ୍ଚଳରୁ ଏକ ବିରଳ ଧଳା ପାଣିଧଣ୍ଡ ସାପ ଉଦ୍ଧାର କରାଯାଇଅଛି। ମିଶ୍ରପଡା ବାସିନ୍ଦା କମଳକାନ୍ତ ବିଶ୍ୱାଳ ନୂଆ ଘର ନିର୍ମାଣ ସମୟରେ ଇଟା ଗଦାରେ ସାପଟିକୁ ଦେଖିଥିଲେ। ଖବର ପାଇ ସର୍ପ ଉଦ୍ଧାରକାରୀ ଆଦିତ୍ୟ ବେହେରା, ମାଇକେଲ ରାଜୁ ଓ ରକି ରାଉତ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ସାପଟି ପାଣିଧଣ୍ଡ ଓ ଏହାର ରଙ୍ଗ ଧଳା ବୋଲି ଆଦିତ୍ୟ ବେହେରା କହିଥିଲେ। ପରେ ସାପଟିକୁ ନିକଟସ୍ଥ ସୁରକ୍ଷିତ ସ୍ଥାନରେ ଛାଡି ଦିଆଯାଇଥିଲା।

### ଛାତ୍ରୀ ଅପହରଣ ଅଭିଯୁକ୍ତ ଗିରଫ

ପାଲଲହଡା,୨୫।୬(ଡି.ଏନ.ଏ.)- ଜନୈକା କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ମଙ୍ଗଳବାର ଅନୁଗୋଳ ଜିଲା ପାଲଲହଡା ପୋଲିସ ଉଦିତନଗର ସାହିରେ ଭଡାରେ ରହୁଥିବା ଫେରାର ଅଭିଯୁକ୍ତ ନରେନ୍ଦ୍ର ବେହେରା (ନରୀ)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ଅକ୍ଟୋବର ୧ରେ ଜନୈକା ଛାତ୍ରୀ କଲେଜରୁ ଘରକୁ ଫେରୁଥିବାବେଳେ ନରେନ୍ଦ୍ର ତାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ସମ୍ପୃକ୍ତା ଛାତ୍ରୀଙ୍କ ପରିବାର ପାଲଲହଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୩/୧୮ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହି ମାସ ୧୦ ତାରିଖରେ ସମ୍ପୃକ୍ତା ଛାତ୍ରୀଙ୍କୁ ଖମାର ଥାନା ଅଞ୍ଚଳରୁ ପୋଲିସ ଉଦ୍ଧାର କରିଥିଲା। ହେଲେ ନରେନ୍ଦ୍ର ଫେରାର ହୋଇଯାଇଥିଲେ। ମଙ୍ଗଳବାର ନରେନ୍ଦ୍ର ଖମାର ଅଞ୍ଚଳରେ ବୁଲୁଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଆଶିଷ କୁମାର ଦାସ ସୂଚନା ଦେଇଛନ୍ତି।

**ଯୁକ୍ତ ଦୁଇ ଜିଲା ଟପ୍ପରଙ୍କୁ ଜିଲାପାଳଙ୍କ ଆର୍ଥିକ ସହାୟତା**

# ପଢ଼ାଖର୍ଚ୍ଚ ବହନ କରିବାକୁ କୃତାର୍ଥଙ୍କ ପ୍ରତିଶ୍ରୁତି

ଅନୁଗୋଳ ଅଫିସ/ବନ୍ତଲା, ୨୫।୬



ଜିଲାପାଳ ମନୋଜ କୁମାର ମହାନ୍ତି ମଧୁସ୍ମିତାଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

'ଧରିତ୍ରୀ' ପ୍ରଭାବ

ଯୁକ୍ତ ଦୁଇ କଳାରେ ଅନୁଗୋଳ ଜିଲା ଟପ୍ପର ହୋଇଥିବା ମଧୁସ୍ମିତା ବେହେରାଙ୍କୁ ଜିଲାପାଳ ମନୋଜ କୁମାର ମହାନ୍ତି ମଙ୍ଗଳବାର ୫ ହଜାର ଟଙ୍କାର ଆର୍ଥୀକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ଭବିଷ୍ୟତରେ ଆହୁରି ଅଧିକ ପରିଶ୍ରମ କରି ଜିଲା ପାଇଁ ସୁନାମ ଅର୍ଜନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଏହି ମେଧାବୀ ଛାତ୍ରୀଙ୍କ ସମସ୍ତ ପାଠପଢ଼ା ଖର୍ଚ୍ଚ ବହନ କରିବାକୁ ବଲିଉଡରେ କାମ କରୁଥିବା ଅନୁଗୋଳ ଖାଲଗାଁର କୃତାର୍ଥ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ପୋକତୁଙ୍ଗା ଗ୍ରାମର ମଧୁସ୍ମିତା ଯୁକ୍ତ ଦୁଇ କଳାରେ ୪୯୯ ମାର୍କ ରଖିଛନ୍ତି। ବନ୍ତଲା ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପାସ୍ କରିବା ପରେ ସେ ଯୁକ୍ତ ୩ରେ ରାଜନୀତି ବିଜ୍ଞାନ ସମ୍ମାନ ନେଇ ରେଭେନ୍ସାରେ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ବାପା ପଦ୍ମଚରଣ ବେହେରା ଚା ଦୋକାନ କରିଥିବାରୁ ପରିବାରର ଆର୍ଥିକ ଅବସ୍ଥା ଆଦୌ ଭଲ ନୁହେଁ। ମାଟ୍ରିକ ପାସ୍ କରିବା ପରେ ବହୁ କଷ୍ଟରେ ସେ ଯୁକ୍ତ୨ ପଢ଼ିପାରିଛନ୍ତି। ତେଣୁ ଆଗାମୀ ଦିନରେ ଉଚ୍ଚ ଶିକ୍ଷାରେ ଅର୍ଥ ବାଧକ ସାଜିବା ନେଇ ସେ ଚିନ୍ତିତ ଥିବା ମଧୁସ୍ମିତା କହିଛନ୍ତି। ଗତ ୨୪ ତାରିଖରେ ତାଙ୍କ ପାଠପଢ଼ାରେ ଅର୍ଥ ବାଧକ ସାଜିଥିବା ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନ ଓ ମୁମ୍ବାଇରୁ ତାଙ୍କୁ ସହାୟତାର ହାତ ବଢ଼ିଥିବା ମଧୁସ୍ମିତା ସୂଚନା ଦେଇଛନ୍ତି। ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ସାହୁ କହିଛନ୍ତି, ଅଭାବ ଅନାଟନ ସତ୍ତ୍ୱେ ମଧୁସ୍ମିତା କଠିନ ପରିଶ୍ରମ କରି ୮୩.୧୬ ପ୍ରତିଶତ ମାର୍କ ରଖି ଜିଲା ପାଇଁ ଗୌରବ ଆଣିପାରିଛନ୍ତି।

# ଏସ୍ୟୁସିଆଇ ପକ୍ଷରୁ ବିକ୍ଷୋଭ




ଏସ୍ୟୁସିଆଇ(କମ୍ୟୁନିଷ୍ଟ) କଣିହାଁ ପକ୍ଷରୁ ଏନ୍‌ଟିପିସି ବାଇପାସ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଣିହାଁ,୨୫।୬(ଡି.ଏନ.ଏ.)

ବିହାର ରାଜ୍ୟରେ ଏନ୍‌ସେଫାଲାଇଟିସ ରୋଗରେ ୧୫୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟଣାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା ପ୍ରତିବାଦରେ ମଙ୍ଗଳବାର ଏସ୍ୟୁସିଆଇ(କମ୍ୟୁନିଷ୍ଟ) କଣିହାଁ ପକ୍ଷରୁ ଏନ୍‌ଟିପିସି ବାଇପାସ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜୁନ ୧ରୁ ଲଗାତର ଭାବେ ଶିଶୁ ପ୍ରାଣ ହରାଉଥିବାବେଳେ ବିହାର ସରକାରଙ୍କ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସେହିପରି ଏନ୍‌ସେଫାଲାଇଟିସ ଜ୍ୱରର ପ୍ରତିରୋଧ ତଥା ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରିବା, ମୃତ ଶିଶୁଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ, ଡାକ୍ତରଖାନାରେ ସମସ୍ତ ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା ଆଦି ପାଇଁ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଦାବି କରାଯାଇଛି। କଣିହାଁ ଆଞ୍ଚଳିକ ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ, ଜିଲା ସମ୍ପାଦକ ଭିକାରୀ ପ୍ରଧାନ, ମାନସୀ ସ୍ୱାଇଁ, ଗଦାଶିଳା ସରପଞ୍ଚ ଜେମାମଣି ନାଏକ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

### ଚୋରା ବାଲି ବୋଝେଇ ଟ୍ରକ୍ ଜବତ

ବଡ଼ସାହି,୨୫।୬(ସ୍ୱ.ପ୍ର.):

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ମାଣତ୍ରୀ-ବେତନଟୀ ରାସ୍ତାରେ ଚୋରା ବାଲି ନେଇ ଯାଉଥିବା ଏକ ଟ୍ରକ୍‌କୁ ବଡ଼ସାହି ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୯୭/୧୯) ରୁଜୁକରି ଅଭିଯୁକ୍ତ ଡ୍ରାଇଭର ରମେଶ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଓଡି୧କ୍ୟୁ-୧୩୦୧ ନମ୍ବର ଟ୍ରକ୍‌ରେ ବାଲି ବୋଝେଇ ହୋଇ ବେତନଟୀ ଅଭିମୁଖେ ଯାଉଥିବା ସମୟରେ ଆସୁକନ୍ଦଠାରେ ବଡ଼ସାହି ପୋଲିସ ଅଟକ ରଖି ଯାଞ୍ଚ କରିଥିଲା। ଆବଶ୍ୟକ କାଗଜପତ୍ର ଓ ପରମିଟ ନ ଥିବାରୁ ପୋଲିସ ଟ୍ରକ୍‌ଟିକୁ ଥାନାକୁ ଆଣିଥିଲା। ଜବତ ଟ୍ରକ୍‌ରୁ ଦୁଇଟି ପରମିଟ ମିଳିଥିବା ବେଳେ ଉକ୍ତ ପରମିଟରେ ପଡିଥିବା ତାରିଖରେ ମ୍ୟାଜିକ ପେନ୍ ବ୍ୟବହାର କରାଯାଇଛି। ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଜାଲ୍ ପରମିଟ ବ୍ୟବହାର କରୁଥିବା ଖାଦାନଗୁଡିକରୁ ଜରିମାନା ଆଦାୟ ସହ ଲିଜ୍ ବାତିଲ କରିବାକୁ ସାଧାରଣରେ ଦାବି ହେଉଛି।

**ବିଶ୍ୱ ରେକର୍ଡ ପାଇଁ ଯୁବଶିଳ୍ପୀଙ୍କ ଉଦ୍ୟମ**

# କାଠରେ ନିର୍ମାଣ କଲେ ୩.୫ ଇଞ୍ଚର ନନ୍ଦିଘୋଷ



୩.୫ ଇଞ୍ଚର ନନ୍ଦିଘୋଷକୁ ହାତରେ ଧରିଛନ୍ତି ରୁବେଲାଲ।

ଅନୁଗୋଳ ଅଫିସ, ୨୫।୬

ମାତ୍ର ୨୦ ବର୍ଷ ବୟସରେ ବିଶ୍ୱ ରେକର୍ଡ ପାଇଁ ଉଦ୍ୟମ କରିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ ଗ୍ରାମର ଶିଳ୍ପୀ ରୁବେଲାଲ ପ୍ରଧାନ। ଜଣେ ବାଲୁକା ଶିଳ୍ପୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇଥିଲେ ବି ଲିମ୍କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇବାକୁ ସେ ୩.୫ ଇଞ୍ଚ ଉଚ୍ଚତାର ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଅବିକଳ ନକଲ କାଠରେ ତିଆରି କରିଛନ୍ତି। ଏଥିପାଇଁ ତାଙ୍କୁ ୧୬ ଘଣ୍ଟାର ପରିଶ୍ରମ କରିବାକୁ ପଡ଼ିଛି। ପୂର୍ବରୁ ବିଶ୍ୱର ସବୁଠାରୁ ଛୋଟ ରଥର ଉଚ୍ଚତା ୪.୫ ଇଞ୍ଚ ଥିବାରୁ ତାଙ୍କ ରଥକୁ ଲିମ୍କା ବୁକ୍‌ରେ ସ୍ଥାନିତ ପାଇଁ ପଠାଇବେ ବୋଲି ରୁବେଲାଲ ପ୍ରକାଶ କରିଛନ୍ତି।

ଅଦରକାରୀ କାଠ, କପଡ଼ା, ଅଠା ଓ ରଙ୍ଗ ବ୍ୟବହାର କରି ସେ ଏହି ରଥ ନିର୍ମାଣ କରିଛନ୍ତି। ଏଥିରେ ପଏଣ୍ଟ ୯୮ ଇଞ୍ଚ ଉଚ୍ଚତାର ଜଗନ୍ନାଥଙ୍କ ମୂର୍ତ୍ତି ବିରାଜମାନ ଥିବା ବେଳେ ଘୋଡ଼ା, ସାରଥି ଓ ୧୬ଟି ଛୋଟ ଛୋଟ ଚକ ରହିଛି। ଲାଲ ଓ ହଳଦିଆ ରଙ୍ଗର କପଡ଼ାରେ ରଥକୁ ରଙ୍ଗାୟିତ କରାଯାଇଛି। ଏହାକୁ ସେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଦେଖାଇ ସାରିଥିବା ବେଳେ ଆଗାମୀ ରଥଯାତ୍ରା ବେଳେ ଅନୁଗୋଳରେ ତାହାକୁ ପ୍ରଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି। ସେହିପରି ଜଗନ୍ନାଥଙ୍କୁ ନେଇ ବାଲୁକା କଳା ନିର୍ମାଣ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଅନୁମତି ମାଗିବା ପରେ ଜିଲାପାଳ ତାଙ୍କୁ ଶୈଳଶ୍ରୀକ୍ଷେତ୍ର ମନ୍ଦିର କମିଟି ସହ ଯୋଗାଯୋଗ କରିବାକୁ କହିଛନ୍ତି। ଏଥିସହ ମାଉସୀ ମା' ମନ୍ଦିର ନିକଟରେ ବାଲୁକା କଳା ପ୍ରଦର୍ଶନ କଲେ ଭଲ ହେବ ବୋଲି ଜିଲାପାଳ ପ୍ରସ୍ତାବ ଦେଇଥିବା ରୁବେଲାଲ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫ରୁ ୨୦ଟି ବାଲୁକା କଳା ପ୍ରଦର୍ଶନ କରିସାରିଥିବା ଏହି ଯୁବଶିଳ୍ପୀ ସୂଚନା ଦେଇଛନ୍ତି।

# ଅତ୍ୟାଧୁନିକ ଦନ୍ତ ଚିକିତ୍ସା ବିଭାଗ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ତାଳଚେର,୨୫।୬(ନି.ପ୍ର.)

କଣିହାଁସ୍ଥିତ ଏନ୍‌ଟିପିସି ହସ୍‌ପିଟାଲରେ ମଙ୍ଗଳବାର ଅତ୍ୟାଧୁନିକ ଦନ୍ତ ଚିକିତ୍ସା ବିଭାଗ ଚିଫ୍ ଜେନେରାଲ ମ୍ୟାନେଜର ରମେଶ ବାବୁ ଭି.ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଣିକି ଉକ୍ତ ବିଭାଗରେ ରୋଗୀଙ୍କ ନିମନ୍ତେ ଏକ ଡେଣ୍ଟାଲ ଚେୟାର ସମେତ ଅଲଟ୍ରାସୋନିକ୍ ସ୍କାଲିଙ୍ଗ, ଲାଇଟ କ୍ୟୁଅର ଫାଇଲିଂ, ରୁଟ କାନାଲ ଟ୍ରିଟମେଣ୍ଟ ଆଦି ଚିକିତ୍ସା ଇଣ୍ଟ୍ରା ଓରାଲ କ୍ୟାମେରା ଏବଂ ରେଡିଓ ଭିଜିଓଗ୍ରାଫି ପ୍ରଣାଳୀରେ ଉପଲବ୍ଧ ହୋଇପାରିବ। ରୋଗୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ଦନ୍ତ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି ଓ ରୋଗୀମାନେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇ ପାରିବେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପର ବରିଷ୍ଠ ପଦାଧିକାରୀ, ହସପିଟାଲର ଡାକ୍ତର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**କପ୍ତିପଦା,୨୫।୬(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ମଝିଗଡିଆ ପଞ୍ଚାୟତ ବଳଦମରା ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ବଳଦମରା ଗ୍ରାମର ଶ୍ରୀହରି ବିନ୍ଧାଣି ୪ ମାସ ହେଲା କାମ କରିବାକୁ ତାମିଲନାଡୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ରୀତା ବିନ୍ଧାଣି ଘରେ ରହନ୍ତି। ଏହାର ସୁଯୋଗ ନେଇ ତାଙ୍କ ଶାଶୁ କୁନି, ଶ୍ୱଶୁର ଭଗୁଲୁ, ଦେଢ଼ଶୁର କରୁଣା ଓ ନଣନ୍ଦ ସୁନି ବାପଘରୁ ଟଙ୍କା ଆଣିବାକୁ କହି ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିବା ଅଭିଯୋଗରେ ଦର୍ଶାଯାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ